# ଘର ଅଗଣାରେ କୁକୁଡ଼ା ପାଳନ



ରଞ୍ଜନ କୁମାର ମହାନ୍ତ, ଦିଲ୍ଲୀପ ରଞ୍ଜନ ଷଡଙ୍ଗୀ,
ତୁଷାର ରଞ୍ଜନ ସାହୁ ଓ ଦେବାଶିଷ ଜେନା



କୁକୁଡାପାଳନ ଆମର ସଭ୍ୟତା ଓ ସଂସ୍କୃତି ସହିତ ଜଡିତ । କୁକୁଡା ପାଳନ ପାଇଁ ଅଳ୍ପ ମୂଳଧନ ଓ ଜମିର ଆବଶ୍ୟକତା ପଡିଥାଏ ତଥା ଅଳ୍ପ ସମୟରେ ଲାଭ ମିଳି ପାରିଥାଏ । ଏହା ବର୍ଷସାରା ସ୍ଥିର ରୋଜଗାର ଯୋଗାଇଥାଏ । କୁକୁଡା, ଦାନାକୁ ଭଲ ପୁଷ୍ଟିସାର ଖାଦ୍ୟରେ ପରିବର୍ତ୍ତନ କରିପାରେ । ପ୍ରାଣୀଜ ପୁଷ୍ଟିସାର ହିସାବରେ ଜୀବନର ସୃଷ୍ଟିରୁ ଆରମ୍ଭ କରି ଜୀବନରର ପ୍ରତ୍ୟେକ ଅବସ୍ଥାରେ ଅଣ୍ଡା ଓ ମାଂସର ଆବଶ୍ୟକତା ରହିଛି । ବଢୁଥିବା ପିଲା, ଗର୍ଭବତୀ ମହିଳା ତଥା ବୃଦ୍ଧ ଓ ରୋଗୀଣା ଲୋକମାନଙ୍କ ପାଇଁ ଏହାର ଆବଶ୍ୟକତା ଅଧିକ । ଅତି ପୁରାତନ ସମୟରୁ ଗ୍ରାମାଂଚଳରେ ଲୋକମାନେ ପ୍ରାୟ ଘରେ ଘରେ କୁକୁଡା ରଖି ନିଜ ପରିବାର ପାଇଁ ପ୍ରାଣୀଜ ପୁଷ୍ଟିସାର ବ୍ୟବସ୍ଥା କରୁଥିଲେ । ବୈଜ୍ଞାନିକଙ୍କ ମତରେ ପ୍ରତ୍ୟେକ ପ୍ରାପ୍ତ ବୟସ୍କ ଲୋକମାନଙ୍କ ପାଇଁ ବର୍ଷକୁ ୧୮୦ଟି ଅଣ୍ଡା ଓ ହାରାହାରି ୩.୫ କିଲୋ ମାଂସର ଆବଶ୍ୟକତା ରହିଛି ।

## ପ୍ରକାର ଭେଦ

କୁକୁଡା ସାଧାରଣତଃ ତିନି ପ୍ରକାର, ଯଥା ଅଣ୍ଡାଦିଆ (କଳିଙ୍ଗ ବ୍ରାଉନ୍, ହ୍ୱାଇଟ୍ ଲେଗହର୍ଣ୍ଣ), ମାଂସ ଉପଯୋଗୀ (ବ୍ରୟଲର, ଅସିଲ୍, କଡକନାଥ, ବ୍ଲାକ୍ ରକ୍) ତଥା ଉଭୟ ଅଣ୍ଡା ଓ ମାଂସ ଉପଯୋଗୀ (ବନରାଜା, ରେନବୋ ରୁଷ୍ଟର, ଆର.ଆଇ.ଆର.) । ଆଗରୁ କୁକୁଡାମାନେ ବର୍ଷକୁ ପ୍ରାୟ ୧୦୦ଟି ଅଣ୍ଡା ଦେଉଥିଲା ବେଳେ ଏବେ କିଛି ଉନ୍ନତ କୁକୁଡା ବର୍ଷକୁ ୧୫୦ ରୁ ୨୬୦ ପର୍ଯ୍ୟନ୍ତ ଅଣ୍ଡା ଦେଉଛନ୍ତି । ଅଣ୍ଡାଦିଆ କୁକୁଡାମାନେ ୫-୬ ମାସରୁ ଆରମ୍ଭ କରି ୨ରୁ ୩ ବର୍ଷ ପର୍ଯ୍ୟନ୍ତ ଅଣ୍ଡା ଦେଇଥାନ୍ତି । ଏହାଛଡା ଦେଶୀ କୁକୁଡା ୩ ମାସ ବୟସରେ ୭୫୦-୧୦୦୦ ଗ୍ରାମ୍ ହେଲା ବେଳେ ଉନ୍ନତ କୁକୁଡାମାନେ ୧.୨-୨ କିଲୋ ଓଜନ ହୋଇଥାନ୍ତି । ଆମ ଜିଲ୍ଲାରେ ଘର ଅଗଣାରେ କୁକୁଡ଼ା ପାଳନ ପାଇଁ ବନରାଜା, ରେନବୋ ରୁଷ୍ଟର, ଅସିଲ୍ ଓ କଡକନାଥ ଉପଯୁକ୍ତ ।



ହ୍ୱାଇଟ୍ ଲେଗହର୍ଣ୍ଣ



କଡକନାଥ



ବନରାଜା



ଆକ୍ରାନ୍ତ କରିଥାନ୍ତି । 'ବାର୍ଡ ଫ୍ଲୁ', 'କୁକୁଡା ବସନ୍ତ', 'ରାଣୀକ୍ଷେତ୍', 'କଲେରା', 'ମାଇକୋପ୍ଲାଜମୋସିସ୍', 'ମାରେକ୍ସ', 'ଗୁମ୍ବୋରୋ ବା ଆଇ.ବି.ଡ଼ି.', 'କକ୍ସିଡିଓସିସ୍', 'ସାଲମୋନେଲୋସିସ୍' ଆଦି କୁକୁଡାମାନଙ୍କର ମୁଖ୍ୟ ରୋଗ । ଏହାଛଡା ପାଣିପାଗ ଅଥବା ଖାଦ୍ୟର ତତ୍କ୍ଷଣାତ୍ ପରିବର୍ତ୍ତନ ତଥା ପାଣି ସଠିକ୍ ପରିମାଣରେ ନ ମିଳିଲେ ଏମାନଙ୍କ ସ୍ୱାସ୍ଥ୍ୟହାନି ହୋଇଥାଏ । କୁକୁଡ଼ାମାନଙ୍କୁ ନିର୍ଦ୍ଧାରିତ ବୟସରେ ଟୀକାକରଣ କରିବା ଦ୍ୱାରା ରୋଗ ସଂକ୍ରମଣରୁ ରକ୍ଷା ମିଳିବା ସହିତ ଅଯଥା ଖର୍ଚ୍ଚରୁ ମୁକ୍ତି ମିଳିଥାଏ ।

## ଟୀକାକରଣ

| ବୟସ | ଟୀକାର ନାମ | ଉପାୟ | ମାତ୍ରା |
|---|---|---|---|
| ୫-୭ ଦିନ | ରାନିକ୍ଷେତ୍ ($F_1$/ ଲାସୋଟା) | ଆଖି/ନାକ ପୁଡ଼ାରେ | ଏକ ବୁନ୍ଦା |
| ୧୪ ଦିନ | ଗୁମ୍ବୋରୋ ରୋଗ (ଆଇ.ବି.ଡ଼ି.) | ଆଖି ବା ନାକ ପୁଡ଼ାରେ | ଏକ ବୁନ୍ଦା |
| ୨୮ ଦିନ | ରାନିକ୍ଷେତ୍ ($F_1$/ ଲାସୋଟା) | ଆଖି ବା ନାକ ପୁଡ଼ାରେ | ଏକ ବୁନ୍ଦା |
| ୬ ସପ୍ତାହ | କୁକୁଡ଼ା ବସନ୍ତ | ଡ଼େଣା ତଳେ | ୦.୧-୦.୨ ମି.ଲି. |
| ୮ ସପ୍ତାହ | ଘୁମାରୋଗ (ଆରଟୁବି) | ଚମଡ଼ା ତଳେ ବା ମାଂସପେଶୀରେ | ୦.୫ ମି.ଲି. |
| ୧୬ ସପ୍ତାହ | ଘୁମାରୋଗ (ଆରଟୁବି) | ଚମଡ଼ା ତଳେ ବା ମାଂସପେଶୀରେ | ୦.୫ ମି.ଲି. |

## କୁକୁଡା ପାଳନରୁ ଲାଭ

ବୈଜ୍ଞାନିକ ପଦ୍ଧତିରେ କୁକୁଡାପାଳନ କଲେ ଜଣେ ଚାଷୀ ୨୫ ରୁ ୩୦ ଟି କୁକୁଡାରୁ ବାର୍ଷିକ ୧୪,୦୦୦ ରୁ ୧୬,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ ପାଇପାରିବ । କୁକୁଡା ମଳ ଉନ୍ନତ ସାର ରୂପେ ବ୍ୟବହାର ହୋଇଥାଏ । କୁକୁଡା ପାଳିବା ପୂର୍ବରୁ ଜ୍ଞାନ କୌଶଳ ପାଇଁ ଚାଷୀମାନେ ନିକଟସ୍ଥ ପ୍ରାଣୀ ଚିକିତ୍ସକ, କୃଷି ବିଜ୍ଞାନ କେନ୍ଦ୍ର ଅଥବା କେନ୍ଦ୍ରୀୟ କୁକ୍କୁଟ ବିକାଶ ସଂଗଠନ (ପୂର୍ବାଞ୍ଚଳ), ଭୁବନେଶ୍ୱରଙ୍କୁ ସମ୍ପର୍କ କରନ୍ତୁ । ଖାଦ୍ୟ ଓ ପୋଷଣ ନିରାପତ୍ତା ରକ୍ଷା ପାଇଁ ରାଷ୍ଟ୍ରୀୟ ପ୍ରାଣୀଧନ ମିଶନ ଆନୁକୂଲ୍ୟରେ 'ଘର ଅଗଣାରେ କୁକୁଡ଼ା ପାଳନ' ଯୋଜନା ମାଧ୍ୟମରେ ୪୫ଟି ଚିଆଁ ସହିତ ଖାଦ୍ୟ, ପାଣିପାତ୍ର ଓ ରାତ୍ରି ରହଣିର ବ୍ୟବସ୍ଥା ପାଇଁ ଟ. ୧୫୦୦/- ଦିଆଯିବାର ବ୍ୟବସ୍ଥା ରହିଛି ।

କୃଷି ବିଜ୍ଞାନ କେନ୍ଦ୍ର ବୈଷୟିକ ଇସ୍ତାହାର: ୧୯ (ଜୁଲାଇ ୨୦୧୯)
ସଂପାଦନା: ଡା. ରଞ୍ଜନ କୁମାର ମହାନ୍ତ
ସହଯୋଗିତା: ବିଭୂତି ଭୂଷଣ ପଲାଇ, ସତ୍ୟ ରଞ୍ଜନ ରାଉତ ଓ ଅରବିନ୍ଦ ବିଶୋଇ
ପ୍ରକାଶକ: ଭାରପ୍ରାପ୍ତ ଅଧିକାରୀ, କୃଷି ବିଜ୍ଞାନ କେନ୍ଦ୍ର କଟକ
ଭାକୃଅନୁପ-ଜାତୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ
E-mail: kvkcuttack@gmail.com Website : www.kvkcuttackzpdvii.org

## କୁକୁଡା ପାଳନ ପଦ୍ଧତି

ପ୍ରଥମ ପର୍ଯ୍ୟାୟରେ ଅଳ୍ପ କୁକୁଡା ରଖି କୁକୁଡା ପାଳନର କୌଶଳ ଜାଣିବା ପରେ ଅଧିକ କୁକୁଡା ରଖିବା ଦରକାର । ଦେଶୀ କୁକୁଡା ଅପେକ୍ଷା ଉନ୍ନତ କୁକୁଡା ଅଧିକ ଯତ୍ନ ଆବଶ୍ୟକ କରିଥାନ୍ତି । ବୈଜ୍ଞାନିକ ଉପାୟରେ କୁକୁଡା ପାଳନର କିଛି ପଦ୍ଧତି:

**ବାସଗୃହ:** କୁକୁଡା ପାଇଁ ଘର ଅଗଣାରେ ଏକ ଉଚ୍ଚ ସ୍ଥାନରେ ମାଟି ବା ସିମେଣ୍ଟର ନଡା ବା ଆଜବେଷ୍ଟସ ଛପରଯୁକ୍ତ ଘର ତିଆରି କରନ୍ତୁ । କୁକୁଡା ପିଛା ୧ ରୁ ୨ ବର୍ଗ ଫୁଟ ହିସାବରେ ଚଟାଣ ରଖି ୬ ଫୁଟ୍ ବା ଅଧିକ ଉଚ୍ଚତାରେ ଛପର କରନ୍ତୁ । ଘର ମଧ୍ୟ ଦେଇ ବାୟୁ ଚଳାଚଳ କରିବା ପାଇଁ ବିପରୀତ କାନ୍ଥରେ ୨ଟି ବଡ ଝରକାର ବ୍ୟବସ୍ଥା କରନ୍ତୁ । ଏହାଦ୍ୱାରା କୁକୁଡା ମଳରୁ ଆର୍ଦ୍ରତା ତଥା ଦୁର୍ଗନ୍ଧ (ଆମୋନିଆ ବାଷ୍ପ) ଦୂର ହୋଇଥାଏ ତଥା ଶୁଦ୍ଧ ପବନ ମିଳିଥାଏ । କୁକୁଡା ଘର ଓ ତାର ପରିପାର୍ଶ୍ୱରେ ପାଣି କିମ୍ବା ଅନାବନା ଘାସ ଓ ଅଳିଆ ଆବର୍ଜନା ଜମିବାକୁ ଦିଅନ୍ତୁ ନାହିଁ ।

**କୁକୁଡା ଚିଆଁର ଯତ୍ନ:** ଦିନିକିଆ କୁକୁଡା ଚିଆଁ କୌଣସି ସରକାରୀ ସ୍ୱୀକୃତିପ୍ରାପ୍ତ ହ୍ୟାଚେରୀରୁ ଆଣନ୍ତୁ । ଘରେ ପହଂଚିଲା ପରେ ୨-୩ ଦିନ ପର୍ଯ୍ୟନ୍ତ ସୁଜି/ ମକାଗୁଣ୍ଡ ସହିତ ଇଲେକ୍ଟ୍ରୋଲାଇଟ୍/ ORS ପାଉଡର୍ ବା ଗୁଡ଼/ଚିନି-ଲୁଣ ପାଣି ପିଇବାକୁ ଦିଅନ୍ତୁ । ଚଟାଣରେ ୨-୪ ଇଞ୍ଚ ବହଳର ହାଲୁକା ଓ ଶୁଷ୍କ ପଦାର୍ଥ ଯଥା କରତଗୁଣ୍ଡ, ମୋଟା କାଗଜଗୁଣ୍ଡ, କୁଣ୍ଡା ଅଗାଡ଼ି ଇତ୍ୟାଦି (ଲିଟର) ବିଛାଇ ତା ଉପରେ ଖବରକାଗଜ ପକାଇ ସେଥିରେ ପ୍ରଥମ ୨-୩ ଦିନ ଖାଇବାକୁ ଦିଅନ୍ତୁ । ଚାରି କଡ଼ ବନ୍ଦ ରଖିବା ପାଇଁ କାର୍ଡ଼ବୋର୍ଡ଼ ବା ଟିଣ ସିଟ୍ ବ୍ୟବହାର କରି ତାକୁ ଗୋଲାକାର ଆକାର କରନ୍ତୁ । ପରେ ବଜାରରେ ମିଳୁଥିବା କୁକୁଡ଼ା ଦାନା ଆଣି ପ୍ରଥମ ୬ ସପ୍ତାହ ପର୍ଯ୍ୟନ୍ତ ଖାଇବାକୁ ଦିଅନ୍ତୁ । କୁକୁଡା ଆଣିବା ପୂର୍ବରୁ ଘର ସଫାସୁତୁରା ତଥା ଚୂନରେ ବିଶୋଧନ କରି ରଖନ୍ତୁ । ଏହି ସମୟରେ ବିଦ୍ୟୁତ ବଲ୍ବ ଅଥବା ବ୍ରୁଡର ବ୍ୟବହାର କରି ତାଙ୍କ ଦେହର ତାପମାତ୍ରାକୁ ବଜାୟ ରଖିବା ଦରକାର । ପ୍ରଥମଦିନ କୁକୁଡା ଚିଆଁ ଆଲୋକରେ ରହିବା ସମୟରେ ସେମାନଙ୍କର ଗତିବିଧିକୁ ଭଲଭାବରେ ପ୍ରତି ଦୁଇତିନି ଘଣ୍ଟା ବ୍ୟବଧାନରେ ଲକ୍ଷ୍ୟ କରନ୍ତୁ । ବ୍ରୁଡରରେ ସଠିକ୍ ତାପମାତ୍ରା ଥିଲେ ଚିଆଁମାନେ ସମ୍ପୂର୍ଣ୍ଣ ପରିମିତ ସ୍ଥାନରେ ବିଛାଡ଼ି ହୋଇ ରହିଥାନ୍ତି । କିନ୍ତୁ ଦରକାରଠାରୁ କମ୍ ତାପମାତ୍ରା ମିଳୁଥିଲେ ଚିଆଁମାନେ ସମଭାବରେ ନ ରହି କେବଳ ବଲ୍ବର ତଳ ଭାଗରେ ରୁଣ୍ଡ ହୋଇ ରହିଥାନ୍ତି ତଥା ଅଧିକ ତାପମାତ୍ରା ମିଳୁଥିଲେ ଚିଆଁଗୁଡ଼ିକ ବଲ୍ବରୁ ଦୂରେଇ ରହନ୍ତି । କାର୍ଡ଼ବୋର୍ଡ଼ଟି ୨-୩ ସପ୍ତାହ ପରେ କାଢ଼ି ଦେବା ଦରକାର । ଜନ୍ତୁ ମାନଙ୍କଠାରୁ ରକ୍ଷା କରିବା ପାଇଁ କୁକୁଡାମାନଙ୍କୁ ୩-୪ ସପ୍ତାହ ପର୍ଯ୍ୟନ୍ତ ସାବଧାନତାର ସହିତ ରଖନ୍ତୁ ।



**ଖାଦ୍ୟ ଓ ପାଣି:** ଯଥେଷ୍ଟ ପରିମାଣର ପାଣି ପିଇବା ପାତ୍ରରେ ପିଇବାକୁ ଦିଅନ୍ତୁ । ବଢିବା ସମୟରେ କୁକୁଡାମାନଙ୍କୁ ଗହମ, ମକା, ଚୋକଡ, ପିଡିଆ, ଡାଲି ଜାତୀୟ ଶସ୍ୟ ଓ ଚୋପା ସହିତ ଧାତୁସାର-ଖଣିଜ ଲବଣ ତଥା ଲୁଣ ମିଶାଇ ଖାଇବାକୁ ଦେଲେ ଭଲ ବଢିଥାନ୍ତି । ପକ୍ଷୀଖାଦ୍ୟ ଦେଲେ ଆଶାନୁରୂପ ଫଳ ମିଳିଥାଏ । ଛଅ ସପ୍ତାହ ପରେ ଆଉ ସମ୍ପୂର୍ଣ୍ଣ ଦାନା ଉପରେ ନ ଛାଡ଼ି ତାକୁ ବାହାରେ ଚରିବୁଲି ଖାଇବାକୁ ଛଡ଼ା ଯାଇପାରିବ । ବାଡ଼ିବଗିଚାର ଚାରିପଟେ ତାରଜାଲି ବା ମଶାରି ଆବଦ୍ଧ କରି ଶାଗ, ରୋଷେଇ ଘରର ନଷ୍ଟ ଖାଦ୍ୟ, ପୋକ ଓ ଜିଆ ଆଦି ଖାଇବାକୁ ଦେଇ ଅଳ୍ପଦାନାର ବ୍ୟବସ୍ଥା କରନ୍ତୁ । ଅଣ୍ଡାଦେବା ସମୟରେ ତାଙ୍କୁ ଯଥେଷ୍ଟ ପରିମାଣରେ ଉତ୍କୃଷ୍ଟ ଖାଦ୍ୟ ସହିତ କ୍ୟାଲସିୟମ୍, ଫସ୍ଫରସ୍ ଏବଂ ଅନ୍ୟାନ୍ୟ ଖଣିଜ ପଦାର୍ଥ ତଥା ଲୁଣ ମିଶାଇ ଖାଇବାକୁ ଦେଲେ ଅଣ୍ଡା ପ୍ରାୟ ସବୁଦିନେ ମିଳିଥାଏ ଓ ଅଣ୍ଡାର ଓଜନ ଠିକ୍ ରହିଥାଏ । ଏହାଛଡା ପଥର ଚୂନ, ଶାମୁକା, ମାଛକାତି ଅଥବା ମାର୍ବଲ ଗୁଣ୍ଡ ଖାଇବାରେ ମିଶାଇଲେ ଅଣ୍ଡାର ଖୋଳ ଟାଣ ହୋଇଥାଏ, ଅଣ୍ଡାର ଉତ୍ପାଦନ ତଥା ଆକାର ବଢିଥାଏ । ମାଈ କୁକୁଡା ଅଣ୍ଡାଦେବା ଆରମ୍ଭକଲେ ୧୦-୧୫ଟି ମାଈ କୁକୁଡା ପାଇଁ ଗୋଟିଏ ଅଣ୍ଡିରା ରଖି ଅନ୍ୟ ଅଣ୍ଡିରା ମାନଙ୍କୁ ବିକ୍ରି କରିଦେଲେ ମାଈ କୁକୁଡାଙ୍କୁ ଅଧିକ ଖାଇବାକୁ ମିଳେ ଏବଂ ଅଧିକ ଅଣ୍ଡା ମିଳିଥାଏ । ମକା ଥିବା ଦାନା ଅତି ପୁରୁଣା ହେଲେ ଅଥବା ପାଣିରେ ଭିଜି ରହିଲେ ଦାନା ଫିମ୍ପି ମାରିଯାଏ ଓ ସେଥିରେ ଆଫ୍ଲାଟକ୍ସିନ୍ ତିଆରି ହୋଇଥାଏ । ଫିମ୍ପିମାରିଥିବା ପୁରୁଣା ଦାନା ଦିଅନ୍ତୁ ନାହିଁ କାରଣ ସେଥିରେ ଥିବା ଆଫ୍ଲାଟକ୍ସିନ୍ ପକ୍ଷାଘାତ ରୋଗ କରାଇଥାଏ ଏବଂ ସେଥିପାଇଁ ପକ୍ଷୀମାନେ ଅଣ୍ଡାଦେବା ବନ୍ଦ କରି ଦିଅନ୍ତି ତଥା ମରିଥାନ୍ତି ।



## ରୋଗୀଣା କୁକୁଡା ଚିହ୍ନିବା କିପରି?

ରୋଗୀଣା କୁକୁଡା ଖାଦ୍ୟ ଠିକ୍ ଭାବରେ ଖାଉ ନ ଥିବ, ଦୁର୍ବଳ ଭଳି ଚାଲୁଥିବ, ଗୋଟିଏ ସ୍ଥାନରେ ବସି ଥିବ, ଘୁମେଉ ଥିବ, ପର ତଥା ମଳଦ୍ୱାରରେ ମଳ ଲାଗି ରହୁଥିବ ଅଥବା ନାକରୁ ପାଣି ଗଡୁଥିବ ତା ହେଲେ ରୋଗର କାରଣ ଯାଂଚ କରାନ୍ତୁ । ଝାଡାରେ ରକ୍ତ ପଡିବା ଅଥବା ଝାଡାର ରଙ୍ଗ ବଦଳିଲେ ମଧ୍ୟ ରୋଗର ସୂଚନା ମିଳିଥାଏ । ଦୁର୍ବଳ ତଥା ରୋଗୀଣା କୁକୁଡାମାନଙ୍କୁ ଅଲଗା ରଖି ତାଙ୍କର ସ୍ୱତନ୍ତ୍ର ଯତ୍ନ ନିଅନ୍ତୁ ଓ ନିକଟସ୍ଥ ପଶୁ ଡାକ୍ତରଙ୍କ ପରାମର୍ଶ ନେଇ ଯଥାଶୀଘ୍ର ଚିକିତ୍ସା କରାନ୍ତୁ ।

## ରୋଗ ପରିଚାଳନା

କୁକୁଡ଼ାମାନେ ବିଭିନ୍ନ କୃମିଦ୍ୱାରା ଆକ୍ରାନ୍ତ ହେବା ସହିତ ବହୁତ ପ୍ରକାର ସଂକ୍ରମଣର ଶିକାର ହୋଇଥାନ୍ତି । ବିଭିନ୍ନ ଋତୁ ତଥା ଭିନ୍ନ ଭିନ୍ନ ସମୟରେ ତାପମାତ୍ରା ଏବଂ ଆର୍ଦ୍ରତାରେ ରୋଗ ଜୀବାଣୁ ମାନଙ୍କର ସଂକ୍ରମଣର ସମ୍ଭାବନା ଭିନ୍ନ ହୋଇଥାଏ । ବୀଜାଣୁ, ଭୂତାଣୁ ଏବଂ କବକ କୁକୁଡ଼ାଙ୍କୁ